# ରାଜ୍ୟ ସରକାରଙ୍କର 'ମେକ୍ ଇନ୍ ଓଡିଶା' ଏକ ଫ୍ଲପ୍ ସୋ, କେବଳ ଭାବମୂର୍ତ୍ତୀ ବଂଚାଇବା ପାଇଁ ଏକ ଡ୍ରାମା : ଲେଖାଶ୍ରୀ ସାମନ୍ତସିଂହାର

- ବିଶ୍ୱ ବ୍ୟାଙ୍କ ର୍ୟାଙ୍କିଂରେ ଓଡିଶାର ସ୍ତର କ୍ରମଶଃ ତଳକୁ ତଳକୁ ଖସିବାରେ ଲାଗିଛି
- ରାଜ୍ୟରେ ଶିଳ୍ପାୟନରେ(ମାନୁଫ୍ୟାକଚରିଂ) ବିନିର୍ମାଣ ପରିମାଣ ବର୍ଷ ପରେ ବର୍ଷ କମିବାରେ ଲାଗିଛି
- ରାଜ୍ୟସରକାରଙ୍କ ଅଧୀନରେ ଥିବା ରାଷ୍ଟ୍ରାୟତ ଉଦ୍ୟୋଗ (ପିଏସୟୁ) ମାନଙ୍କ ସ୍ଥିତି ପୂରା ବେହାଲ

**ଭୁବନେଶ୍ୱର, ତା.୦୪/୮ :** ରାଜ୍ୟର ବିକାଶ ପାଇଁ ଶିଳ୍ପର ପ୍ରତିଷ୍ଠା ହେବା ନିହାତି ଆବଶ୍ୟକ । କିନ୍ତୁ ଦୀର୍ଘ ୧୯ ବର୍ଷ ବିଜେଡି ସରକାରର ଅପାରଗତା କାରଣରୁ ଶିଳ୍ପ ପ୍ରତିଷ୍ଠା ବହୁତ ପଛରେ ପଡିଛି । ଅତୀତରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାଜ୍ୟସରକାର ରୋଡ୍ ସୋ କରିଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ଫଳପ୍ରଦ ହୋଇନାହିଁ । ରାଜ୍ୟ ସରକାରଙ୍କର ଶିଳ୍ପ ବିକାଶ ଓ ମେକ୍ ଇନ୍ ଓଡିଶାର ନାରା କେବଳ ପ୍ରଚାର ସର୍ବସ୍ୱ । ଶିଳ୍ପ ବିକାଶର ଲାଭ ଓଡିଶାର ସାଧାରଣ ଲୋକଙ୍କ ପାଖରେ ପହଚିଂବା ପରିବର୍ତ୍ତେ କେବଳ ରାଜ୍ୟ ସରକାରଙ୍କ ଭାବମୂର୍ତ୍ତି ନିର୍ମାଣରେ ସୀମିତ ରହିଛି ବୋଲି ରାଜ୍ୟ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ।

ରାଜ୍ୟ ସରକାରଙ୍କ ସବୁବେଳେ ଦାବି କରୁଛନ୍ତି ଯେ, 'ଇଜ୍ ଅଫ୍ ଡୁଇଙ୍ଗ ବିଜନେସ'ରେ ଓଡିଶା ବେଶ ଆଗୁଆ । ଏଥି ସହ ଶିଳ୍ପାୟନ ଓଡିଶାରେ ସହଜ ଓ ସୁଗମ ହୋଇଛି ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ଚିତ୍ର କିଛି ଅଲଗା କହୁଛି । ବାସ୍ତବ ତଥ୍ୟ ହେଉଛି କି, ବିଶ୍ୱ ବ୍ୟାଙ୍କ ର୍ୟାକିଂରେ ଓଡିଶାର ସ୍ତର କ୍ରମଶଃ ତଳକୁ ତଳକୁ ଖସିବାରେ ଲାଗିଛି । ୨୦୧୫ ମସିହାରେ ଦେଶରେ ଓଡିଶା ୭ମ ସ୍ଥାନରେ ଥିବାବେଳେ ୨୦୧୬ରେ ୧୧ ତମ ଓ ୨୦୧୭ରେ ଓଡିଶା ୧୪ତମ ସ୍ଥାନକୁ ଖସଆସିଛି । ପୁଞ୍ଜି ନିବେଶକାରୀଙ୍କ ଆପ୍ରୁଭାଲ ରେଟିଂ ମାତ୍ର ୩୯ ପ୍ରତିଶତ ରହିଛି । ଯାହା ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଯଥେଷ୍ଟ କମ ବୋଲି ଡ. ସାମନ୍ତସିଂହାର କହିଛନ୍ତି ।

ରାଜ୍ୟ ସରକାରଙ୍କ ଦାବି କରୁଛନ୍ତି କି, ମେକ୍ ଇନ୍ ଓଡିଶା ରାଜ୍ୟରେ ବଡ ସଫଳତା ହାସଲ କରିଛି । ୨୦୦୪ରୁ ୨୦୧୮ ମଧ୍ୟରେ ୯୨ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ଏବଂ ପରେ ୫.୬୮ ଲକ୍ଷ କୋଟିର ପୁଞ୍ଜି ନିବେଶ ଯୋଜନା କରାଯାଇଛି ବୋଲି ରାଜ୍ୟସରକାର କହୁଛନ୍ତି । କିନ୍ତୁ ବାସ୍ତବ ଚିତ୍ର ହେଉଛି ଯେ, ରାଜ୍ୟସରକାରଙ୍କ ୯୨ଟି ବୁଝାମଣାପତ୍ରରୁ ମାତ୍ର ୪୬ଟି ଅର୍ଥାତ୍ ୫୦ ପ୍ରତିଶତ ବୁଝାମଣା ପତ୍ର କାର୍ଯ୍ୟକାରୀ ହୋଇଛି । ଏ ମଧ୍ୟରୁ ୯୦ ପ୍ରତିଶତ କେବଳ ଇସ୍ପାତ, ଶକ୍ତି ଓ ସିମେଂଟ କ୍ଷେତ୍ରରେ ବୁଝାମଣା ସ୍ୱାକ୍ଷର ହୋଇଛି । ଏହି ସବୁ ଶିଳ୍ପ ସରକାରଙ୍କ ପୁରୁଷାର୍ଥ କାରଣରୁ ନୁହେଁ ବରଂ ରାଜ୍ୟରେ ଖଣିଜ ସମ୍ପଦ ଥିବା କାରଣରୁ ହିଁ ସମ୍ଭବ ହୋଇଛି । ଓଡିଶାର ଶିଳ୍ପ କେବଳ ଖଣିଜ ସଂପଦ ଉପରେ ନିର୍ଭରଶୀଳ । ରାଜ୍ୟରେ ଶିଳ୍ପାୟନରେ(ମାନୁଫ୍ୟାକଚରିଂ) ବିନିର୍ମାଣ ପରିମାଣ ବର୍ଷ ପରେ ବର୍ଷ କମିବାରେ ଲାଗିଛି ।

୨୦୧୧-୧୨ରେ ୧୯ ପ୍ରତିଶତରେ ଥିବା ଏହି ହାର ୨୦୧୩-୧୪ରେ ୧୬ ପ୍ରତିଶତକୁ ଖସି ଆସି ପୁଣି ୨୦୧୭-୧୮ ବର୍ଷରେ ନିମ୍ନଗାମୀ ରହିଛି ବୋଲି ଡ. ସାମନ୍ତସିଂହାର କହିଛନ୍ତି ।

ରାଜ୍ୟ ସରକାରଙ୍କ ଦାବୀ କରୁଛନ୍ତି ଯେ, ମେକ୍ ଇନ୍ ଓଡିଶାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ପ୍ରାଧାନ୍ୟ ଦିଆଯାଉଛି । ବାସ୍ତବ ଚିତ୍ର ହେଉଛି କି , ରାଜ୍ୟରେ ୫୮ ପ୍ରତିଶତ କ୍ଷୁଦ୍ର ଓ ମଧମ ଶିଳ୍ପ ରିପେୟାରିଂ (ମରାମତି) ଓ ସେବା କ୍ଷେତ୍ରରେ କାମ କରୁଛନ୍ତି । ସେହିପରି ମାତ୍ର ୬ ପ୍ରତିଶତ ମାନୁଫ୍ୟାକଚରିଂ, ଇଂଜିନିୟରିଂ କ୍ଷେତ୍ରରେ କାମ କରୁଛନ୍ତି । ରାଜ୍ୟରେ ବଡ ପୁଞ୍ଜି ନିବେଶ ପାଇଁ ଅତ୍ୟନ୍ତ ଆବଶ୍ୟକ ପ୍ରାଥମିକ ମାନୁଫ୍ୟାକଚରିଂ ଶିଳ୍ପ ଏବେ ଅତ୍ୟନ୍ତ ନଗଣ୍ୟ ସଂଖ୍ୟାରେ ରହିଛି ବୋଲି ଡ. ସାମନ୍ତସିଂହାର କହିଛନ୍ତି ।

ରାଜ୍ୟ ସରକାରଙ୍କ ଦାବୀ କରୁଛନ୍ତି ଯେ, ଶିଳ୍ପ ବ୍ୟବସାୟ ସହାୟକ ବାତାବରଣ କେବଳ ଓଡିଶାରେ ରହିଛି । କିନ୍ତୁ ବାସ୍ତବ ଚିତ୍ର ହେଉଛି କି, ଓଡିଶାକୁ ଦେଶର ସବୁଠୁ ବଡ ବିଦେଶୀ ପୁଞ୍ଜି ନିବେଶ ସ୍ଥାନ ବୋଲି ଦାବି କରୁଥିବା ରାଜ୍ୟସରକାର ଜାଣି ରଖିବା ଉଚିତ୍ କି ରାଜ୍ୟରୁ ବଡ ବଡ ସଂସ୍ଥା ମୁହଁ ଫେରାଇ ନେଉଛନ୍ତି । ପୋସ୍କୋ କଂପାନୀ ହେଉଛି ଏହାର ଏକ ଜ୍ୱଳନ୍ତ ଉଦାହରଣ । ସେହିପରି ସବୁ ସମୟରେ ବିଳମ୍ବ, ଜମି, ମିଳିବାର ବାଧା, ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ୨୦୧୩ରେ ଆରସେଲର ଓ ମିତଲଙ୍କ ପ୍ରକଳ୍ପ କେନ୍ଦୁଝର ଛାଡି ଯିବାକୁ ବାଧ୍ୟ ହୋଇଥିଲେ । ଇମ୍ଫାକୁ ରାଜନୈତିକ ଉଦ୍ଦେଶ୍ୟରେ ରଖି ଦୀର୍ଘ ୧୫ ଦିନ ବନ୍ଦ ରଖାଗଲା । ଆର୍ଥିକ କ୍ଷତି ଓ ପୁଞ୍ଜି ନିବେଶକାରୀଙ୍କ ବିଶ୍ୱାସ ଭାଙ୍ଗୁ ପଛେ ରାଜନୈତିକ ଉଦ୍ଦେଶ୍ୟକୁ ପ୍ରଥମେ ଚିରତାର୍ଥ କରିବା ପାଇଁ ରାଜ୍ୟସରକାର ପ୍ରାଧାନ୍ୟ ଦେଉଛନ୍ତି ବୋଲି ଡ. ସାମନ୍ତସିଂହାର କହିଛନ୍ତି ।

ରାଜ୍ୟରେ ବେସରକାରୀ ପୁଞ୍ଜି ନିବେଶ କଥା ତ ଛାଡନ୍ତୁ, ରାଜ୍ୟସରକାରଙ୍କ ଅଧୀନରେ ଥିବା ରାଷ୍ଟ୍ରାୟତ ଉଦ୍ୟୋଗ (ପିଏସୟୁ) ମାନଙ୍କ ସ୍ଥିତି ପୂରା ବେହାଲ । ମୋଟ ୮୪ଟି ବେସରକାରୀ ଉଦ୍ୟୋଗରୁ ମାତ୍ର ୩୫ଟି ମୁନାଫା କମାଉଛନ୍ତି ଯାହା ମୋଟ ସଂଖ୍ୟାରେ ମାତ୍ର ୪୨ ପ୍ରତିଶତ ରହିଛି । ଏବେ ୨୮ଟି ପିଏସୟୁରେ ତାଲା ପଡିଛି । ଏହାର କାରଣ ହେଉଛି ମ୍ୟାନେଜମେଂଟ ସମସ୍ୟା, ନିର୍ଣ୍ଣୟରେ ବିଳମ୍ବ, କଂଚାମାଲ ଓ ବିପଣନରେ ସମସ୍ୟା ତଥା ପୁରୁଣା ଟେକନୋଲୋଜିର ବ୍ୟବହାର । ୧୫ଟି ପିଏସୟୁ ମୋଟ ୫୦୦ କୋଟି ଟଙ୍କାର କ୍ଷତି ସହୁଛନ୍ତି ବୋଲି ଡ. ସାମନ୍ତସିଂହାର କହିଛନ୍ତି ।

ରାଜ୍ୟସରକାର ସ୍ମାର୍ଟ ସିଟି ଭୁବନେଶ୍ୱରରରେ ୨୦୧୭ ମସିହାରେ ୧୬ ତମ ସ୍ଥାନ ଦଖଲ କରୁଥିବାର ଡିଣ୍ଡିମ ପିଟୁଛନ୍ତି । କିନ୍ତୁ ଏହାର ବାସ୍ତବ ସତ୍ୟ ହେଉଛି ଯେ, ଏହି ଦାବି ବିଶ୍ୱର ୨୦ଟି ସହରର ସର୍ଭେ ଆଧାରରେ ହୋଇଥିଲା । ଏହି ସହର ଗୁଡିକୁ ବେଶୀ ରାନ୍‌ଡମଲି ବଛାଯାଇଥିଲା ।ଏହି ସର୍ଭେରେ ଭୁବନେଶ୍ୱର ୪ଟିରୁ ୩ଟି ମାପଦଣ୍ଡରେ ସବୁଠୁ ତଳେ ଥିଲା । ଭୁବନେଶ୍ୱରର ସବୁଠାରୁ ବଡ ସମସ୍ୟା ତୃଣମୂଳ ସ୍ତରରେ ସମସ୍ୟା ସମାଧାନର ବିଫଳତା ହିଁ ଥିଲା । ଷ୍ଟେଟ୍ ଇନଭେଷ୍ଟମେଂଟ୍ ପୋଟେନସର ପତ୍ରିକାରେ ୨୧ଟି ରାଜ୍ୟ ମଧ୍ୟରୁ ଓଡିଶାର ସ୍ଥାନ ୧୭ ଏବଂ ଏହା ୬ ବର୍ଷ ମଧ୍ୟରେ ର୍ୟାଙ୍କ କମିବାରେ ଓଡିଶାରେ ରେକର୍ଡ । ପବ୍ଲିକ ଆଫାୟାର୍ସର ଇଣ୍ଡକସରେ ଓଡିଶା ୩୦ଟି ରାଜ୍ୟ ମଧ୍ୟରେ ୨୪ତମ ସ୍ଥାନରେ ରହିଛି । ସବୁ କ୍ଷେତ୍ରରେ ଏତେ ତଳ ସ୍ଥାନରେ ଓଡିଶା ରହିବାର ମୁଖ୍ୟ କାରଣ ସ୍ଥାଣୁ ଓ ଅଣଉତରଦାୟୀ ପ୍ରଶାସନ ବୋଲି ଡ. ସାମନ୍ତସିଂହାର କହିଛନ୍ତି ।

ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାନ ପାଇଁ ବିଦ୍ୟୁତ ଅର୍ଥାତ୍ ପାୱାର ସପ୍ଲାଇ ନିହାତି ଆବଶ୍ୟକ । ଓଡିଶା ପାୱାର ସରପ୍ଲସ ଷ୍ଟେଟ ବୋଲି ରାଜ୍ୟସରକାର ଦାବି କରୁଥିବାବେଳେ ରାଜ୍ୟରେ ବିଜୁଳି ପରିବହନ କ୍ଷତି ୩୨ ପ୍ରତିଶତ ରହିଛି । ସବୁ ସମୟରେ ରାଜ୍ୟର ଗ୍ରାମାଚଂଳ ଗୁଡିକରେ ଅଘୋଷିତ ବିଜୁଳି କାଟ ଚାଲିଛି ।

**(ପୃଷ୍ଠା-୨/୩)**

ରାଜ୍ୟରେ ଡୋମେଷ୍ଟିକ୍ ଉପଭୋକ୍ତା ୟୁନିଟ୍ ପିଛା ଟ ୩.୨୮ ଦେଉଥିବା ବେଳେ ଆଜି ପ୍ରତିଶତରେ ଏହା ଟ ୨.୪୦ ୟୁନିଟ୍ ରହିଛି । ୨୦୧୮ ମସିହା ମେ ମାସରେ ଗ୍ରାମାଚଂଳର ଉପଭୋକ୍ତାମାନେ ମାତ୍ର ୧୯ ଘଂଟା ବିଦ୍ୟୁତ ବ୍ୟବହାର କରୁଥିଲେ । ରାଜ୍ୟସରକାର ଓଡିଶାକୁ ସରପ୍ଲସ ପାୱାର ଦାବି କରୁଥିବା ସମୟରେ ଏହା ଶିଳ୍ପ ଅବା ନାଗରିକଙ୍କୁ କାହିଁକି ଦେଉ ନାହାଁନ୍ତି ବୋଲି ଡ. ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି ।

ସେହିପରି ଅକ୍ଟୋବର ୨୦୧୮ ସୁଦ୍ଧା ରାଜ୍ୟରେ ପ୍ରତି ଘରେ ବିଜୁଳି ପହଚଂାଇବାର ପ୍ରତିଶୃତି ବିଜେଡି ସରକାର ଦେଇ ଆଜି ତା ପ୍ରତିଶୃତି ପାଳନ କରିବାରେ ସଂପୂର୍ଣ୍ଣଭାବେ ଫେଲ୍ ମାରିଛି । ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଥିବା ୧୧ତମ ପଂଚବାର୍ଷିକ ଯୋଜନା ରାଜ୍ୟର କଳାହାଣ୍ଡି, ଗଂଜାମ ଓ କୋରାପୁଟ ଜିଲ୍ଲାରେ କାର୍ଯ୍ୟ ଏପର୍ଯ୍ୟନ୍ତ ସରିନାହିଁ । ଏପରିକି ଗଞ୍ଜାମ ଜିଲ୍ଲାର ଲକ୍ଷ୍ୟ ରଖାଯାଇଥିବା ଅଧା ଘରେ ବିଜୁଳି ପହଂଚି ନାହିଁ । ୧୨୫ଟି ସବଷ୍ଟେସନର କାର୍ଯ୍ୟ ଶେଷ ହୋଇନାହିଁ । ବିଜୁଳି ଭିତିଭୂମି ନିର୍ମାଣରେ ଅହେତୁକ ବିଳମ୍ବ । ବିଭିନ୍ନ ଯୋଜନାରେ ଆବଶ୍ୟକୀୟ ଅର୍ଥ କେନ୍ଦ୍ର ଯୋଗାଇଦେଉଥିବା ସତ୍ୱେ ରାଜ୍ୟସରକାର କ୍ରିୟାନ୍ୱୟନରେ ବିଳମ୍ବ କରି ରାଜନୈତିକ ଫାଇଦା ଉଠାଉଛନ୍ତି ବୋଲି ଡ. ସାମନ୍ତସିଂହାର ଅଭିଯୋଗ କରିଛନ୍ତି ।

ଗଂଜାମ ଜିଲ୍ଲାରେ କେନ୍ଦ୍ର ସରକାର ୬୮ ପ୍ରତିଶତ ଅର୍ଥ ଦେଇଥିବା ସମୟରେ କେବଳ ୧୨ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି । ଦିନଦୟାଲ ଉପାଧାୟ ଯୋଜନା (ଡିଡିୟୁଜିଜିୱାଇ) ଅନୁଯାୟୀ ୩୦ଟି ପ୍ରୋଜେକ୍ଟ ପାଇଁ କେନ୍ଦ୍ର ସରକାର ୧୭ଶହ ୫୦ କୋଟି ଅର୍ଥ ରାଜ୍ୟକୁ ଦେବାସତ୍ୱେ ବି ରାଜ୍ୟସରକାର ସେହି ଅର୍ଥକୁ ଖର୍ଚ୍ଚ କରିପାରୁନାହାଁନ୍ତି । ସୌଭାଗ୍ୟ ଯୋଜନାରେ କେନ୍ଦ୍ର ୭୬ କୋଟି ଅର୍ଥ ପ୍ରଦାନ ସତ୍ୱେ ରାଜ୍ୟସରକାର ଏହି ଯୋଜନାକୁ ଘରେ ଘରେ ପହଂଚାଇ ପାରିନାହାଁନ୍ତି । ସୌଭାଗ୍ୟ ଯୋଜନାର କାର୍ଯ୍ୟ ନବରଙ୍ଗପୁର, ଖୋର୍ଦ୍ଧା ଏବଂ ଯାଜପୁରରେ ଆରମ୍ଭ ହୋଇନାହିଁ । ରାଜ୍ୟସରକାରଙ୍କ ଅପାରଗତା ଓ ସ୍ଥାଣୁତା ପାଇଁ କିଛି ବଡ ବଡ ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ହାଇକୋର୍ଟ ବେଂଚ ସ୍ଥାପନା, ଇ-ନାମ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ରାଜ୍ୟସରକାର କୌଣସି ପଦକ୍ଷେପ ନେଉନାହାଁନ୍ତି ବୋଲି ଡ. ସାମନ୍ତସିଂହାର ଅଭିଯୋଗ କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ସଂପାଦକ ଶ୍ରୀ ଦିଲୀପ ମଳିକ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**